# ତହସିଲ କାର୍ଯ୍ୟାଳୟ, ଦେଓଗାଁ, ଜିଲ୍ଲା- ବଲାଙ୍ଗୀର

ବିଜ୍ଞାପନ ପତ୍ର ସଂଖ୍ୟା. 1039 ତା. 14.07.2020

## ଲଘୁ ଖଣିଜ ଦ୍ରବ୍ୟ ଦିର୍ଘମିୟାଦୀ ନିମନ୍ତେ ବିଜ୍ଞାପନ

( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ - ୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ - ୨୦୧୭ ଅନୁଯାୟୀ )

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗିର ଜିଲ୍ଲା ଅଧିନସ୍ଥ ଦେଓଗାଁ ତହସିଲରେ ଥିବା **ସାରଣୀ - ୧** ଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଗୁଡିକ **୨୦୨୦-୨୧** ରୁ ୫ ବର୍ଷ ପାଇଁ ୦୫ ବର୍ଷିୟା ଲିଜ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ଏବଂ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଫର୍ମ **'M'** ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତର ତିନି (୩) ସେଟ୍ ଜଉମୁଦ ଲଫାପାରେ ଆସନ୍ତା ୨୯.୦୭.୨୦୨୦ ରିଖ ଦିବା ୧୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର, ଦେଓଗାଁ ଙ୍କ କାର୍ଯ୍ୟାଳୟରେ ଥିବା **DROP BOX** ରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସମସ୍ତ ଦରଖାସ୍ତ ଗୁଡିକ ସେହି ଦିନ ତା.୨୯.୦୭.୨୦୨୦ ଦିବା ୨.୦୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରି ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କ ପ୍ରତିନିଧୀ ଉପସ୍ଥିତ ରହି ପାରନ୍ତି । ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ ସୈରାତ ଉତ୍ସର ନାମ କେବଳ ଜାଣିବା ନିମନ୍ତେ ସଠିକ ରୂପେ ଲେଖିବାକୁ ପଡିବ । ଦରଖାସ୍ତକାରୀ ଅଲଗା ଅଲଗା ସୈରାତ ଉତ୍ସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାପାରେ ଦାଖଲ ଦେବେ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ୦୩ (ତିନି) ଗୋଟି ଦରଖାସ୍ତ ପ୍ରାପ୍ତ ହୋଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଯଥାକ୍ରମେ ଦ୍ୱିତୀୟ ଥର ପାଇଁ ତା.୦୫.୦୮.୨୦୨୦ ରିଖ ଓ ତୃତୀୟଥର ପାଇଁ ତା.୧୨.୦୮.୨୦୨୦ରିଖ ଦିବା ୧୨.୦୦ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ କରିପାରିବେ । ସେ ଗୁଡିକ ଅପରାହ୍ନ ୨.୦୦ ଘଟିକା ସମୟରେ ଉକ୍ତ ଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟା ରେ ନିଜେ କିମ୍ବା ତାଙ୍କ ପ୍ରତିନିଧୀ ଉପସ୍ଥିତ ରହି ପାରନ୍ତି । ଏହି ବିଜ୍ଞାପନ ସଂମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା Website – http://balangir.nic.in ରେ ଉପଲବ୍ଧ ଅଟେ ।

**ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ନିତାନ୍ତ ଆବଶ୍ୟକ –**

୧. ତିନି କିତା "M" form ସମ୍ପୂର୍ଣ୍ଣ ଓ ଠିକ ଭାବରେ ପୂରଣ ହୋଇଥିବା ଆବଶ୍ୟକ ।

୨. ଦରଖାସ୍ତ ଫିସ ବାବଦକୁ ଟ୍ରେଜରି ଚାଲାଣ (ମୂଳକପି ) ଟ. ୧୦୦୦/- (Non refundable) in Head of account – 0029-LR-00-800-Other receipts / application fees. ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୩. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ ରକବା ଏବଂ କିସମ ର ସଠିକ ତଥ୍ୟ ଲେଖିବେ କିମ୍ବା ପୃଥକ ଭାବରେ ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ନକଲ ସଂଲଗ୍ନ କରିବେ ।

୪. ଦରଖାସ୍ତକାରୀ ଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡିଶା ସରକାରଙ୍କର କୌଣସି ଦେୟ ବକେୟା ନ ଥିବା ସମ୍ବନ୍ଧରେ ଏକ ସତ୍ୟ ପାଠ ଦାଖଲ କରିବେ ।

୫. ଦରଖାସ୍ତକାରୀ ସାରଣୀ – ୧ ର ସ୍ତମ୍ଭ - ୧୨ ରେ ଦର୍ଶିତ ମୂଲ୍ୟ ବା ତଦୁର୍ଦ୍ଧ ମୂଲ୍ୟର Bank Guarantee ଯାହାର ଅବଧି ପରବର୍ତି ୧୮ ମାସ ପର୍ଯ୍ୟନ୍ତ ଥିବ ତାହା ଦାଖଲ କରିବେ ।

୬. ସାରଣୀ –୧ ରେ ଦର୍ଶିତ ସ୍ତମ୍ଭ - ୧୧ ରେ ଲିଖିତ EMD ମୂଲ୍ୟର BANK DRAFT Tahasildar, Deogaon & payble at SBI Tusra ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରିନଥିବା ନିଲାମ୍‌ଧାରିଙ୍କ EMD ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ସ୍ଥିରୀକୃତ ହେଲା ପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

ଦରଖାସ୍ତ ଫର୍ମ ସହିତ, ଦରଖାସ୍ତକାରୀ ଉପରୋକ୍ତ କାଗଜାତ୍ ଗୁଡିକ ଦାଖଲ ନଦେଲେ ତାଙ୍କ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

୭. କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି ।

୮. ସମସ୍ତ ଦରଖାସ୍ତକାରୀ Odisha Minor Mineral Concession Rules 2016 ଓ Odisha Minor Mineral Concession (Amendment) Rules 2017 ର ସମସ୍ତ ସର୍ତ୍ତା ବଳୀକୁ ପାଳନ କରିବା ବିଧେୟ ।

<u>**ଏତତ୍ ବ୍ୟତୀତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ୍ତ ଗୁଡିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି ।**</u>

୧. ଦରଖାସ୍ତ ଦେବା ପୂର୍ବରୁ ସୈରାତ୍ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ୍ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

୨. OMMC Rules, 2016 ଅନୁଯାୟୀ ବାଲି ଉତ୍ସ ପାଇଁ ବାଲି ର Royalty ପ୍ରତି ଘନ ମିଟର ପିଛା ୩୫ ଟଙ୍କା ଓ ପଥର ଉତ୍ସ ପାଇଁ ପଥର ର Royalty ପ୍ରତିଘନ ମିଟର ପିଛା ୧୩୦ ଟଙ୍କା ଧାର୍ଯ୍ୟ ହୋଇଅଛି । ଏହା ଅପରି ବର୍ତ୍ତିତ । ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ – ୧ ର ସ୍ତମ୍ଭ - ୯ ରେ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ Additional Charge ର ମୂଲ୍ୟ ଅତିକମରେ Royalty ର ୫% ବା ତଦୁର୍ଦ୍ଧ quoto କରିବା କୁ ପଡିବ । କୌଣସି ପରିସ୍ଥିତିରେ Additional Charge ର ମୂଲ୍ୟରୁ କମ୍ ଦରରେ ଲିଜ୍ ଅନୁମୋଦନ କରାଯିବ ନାହିଁ ।

ଯଦି ଏକାଧିକ ଦରଖାସ୍ତ କାରୀ ସର୍ବୋଚ୍ଚ ସମପରିମାଣର Additional Charge ଦାଖଲ ଦେଇଥାନ୍ତି ତାହେଲେ ଏହା ଲଟେରୀ ମାଧ୍ୟମରେ ଚୟନ କରାଯିବ । ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ Form – F ମାଧ୍ୟମରେ ଏ ବିଷୟରେ ଜଣାଇଦିଆଯିବ । ଏବଂ ତାଙ୍କର ସହମତି ୧୫ ଦିନ ମଧ୍ୟରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ ।

୩. ଉସ୍ତ ପରିଚାଳନା ପୂର୍ବରୁ ନିଲାମଧାରୀଙ୍କୁ E.C.ଓ Mining Plan ପ୍ରସ୍ତୁତ ଖର୍ଚ୍ଚ ପଇଠ କରିବାକୁ ପଡିବ । ଏହା ବ୍ୟତୀତ ଓଡିଶା ରାଜ୍ୟ ପ୍ରଦୂଷଣ ଶାଖା, ସମ୍ବଲପୁର ଙ୍କ ଠାରୁ CTE (Consent to Establish)/ CTO (Consent to Operate) ର ଆଦେଶ ମଧ୍ୟ ଉସ୍ତର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟରେ ଦାଖଲ ଦେବାକୁ ହେବ ।

୪. ଏଥିସହ Royalty or Dead Rent, Surface Rent, Fees for compensatory afforestation / fees for Environment Management Fund (EMF)/ fees for District Mineral Fundation (DMF) ଏବଂ Income Tex ବାବଦକୁ ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ହେବ ଏବଂ ଉପରୋକ୍ତ ଦେୟ ଦାଖଲ କରିବା ପରେ ତିନି ସପ୍ତାହ ମଧ୍ୟରେ Indian Registration Act & Stamp Act. ଅନୁସାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ନିଜ ଖର୍ଚ୍ଚରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଆଗ୍ରାହ୍ୟ କରାଯିବ ଏବଂ Security Deposit କୁ ବ୍ୟାଜାପ୍ତ କରାଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ଅନୁରୂପ ସର୍ତ୍ତ ପାଳନ ସହ ନିଲାମ ନେବାପାଇଁ ସୁଯୋଗ ପ୍ରଦାନ କରାଯିବ ।

୫. ଯଦି ଲିଜଧାରୀଙ୍କର ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉ ରାଧିକାରୀ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀ ଉକ୍ତ ଉସ୍ତଟିକୁ ଲିଜ୍ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପୈଠ କରି ପରିଚାଳନା କରି ପାରିବେ ।

୬. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରି ଠିକ୍ ସମୟରେ ସରକାରୀ ଦେୟ ପୈଠ ନ କରନ୍ତି ବା ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରାତ ଉସ୍ତ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପାଇଁ ଆହ୍ୱାନ କରାଯିବ ଏବଂ ସମସ୍ତ ସରକାରୀ ଦେୟ ପୈଠ ପରେ ଓ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତି ପରେ ସୈରାତ ଉସ୍ତ ପରିଚାଳନା ପାଇଁ ତାଙ୍କୁ ସୁଯୋଗ ଦିଆଯିବ ।

୭. ହିସାବ ଅନୁଯାଇ ରୟାଲଟି ଏବଂ Additional Charge ୫% ଓ ଅନ୍ୟାନ୍ୟ ଦେୟ ନଗଦ କିମ୍ବା Demand Draft ଆକାରରେ ଦାଖଲ କରିବେ ।

୮. ଲିଜ୍ଧାରୀ ସୈରାତ ଉସ୍ତର ନକ୍ସା ଅନୁଯାୟୀ concrete pillar ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ Display Board ତିଆରିକରି ସେଥିରେ ସୈରାତ ଉସ୍ତର ନକ୍ସା ସହିତ ଉସ୍ତର ନାମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ।

୯. ବାର୍ଷିକ ମୋଟ ଦେୟ ର ୨ % ଲିଜ୍ ଧାରୀ ଆୟକର (TCS) ଆକାରରେ ଟଙ୍କା ଜମା କରିବେ ।

୧୦. ଲିଜ୍ ପରେ ସୈରାତ ଚଲାଇବା ସଂପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୧. ଲିଜ୍ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୨.     ଲଘୁ ଖଣିଜ ପଦାର୍ଥ ପାଇଁ Royalty, Surface Rent , Dead Rent, DMF,EMF & IT  ନିମ୍ନ ମତେ ଧାର୍ଯ୍ୟ ହୋଇଅଛି । ଏବଂ ଯୋଗ୍ୟ ନିଲାମଧାରୀଙ୍କୁ ପ୍ରତ୍ୟେକ ବର୍ଷର Minimum Guaranteed Quantity ଉପରେ ଆବଶ୍ୟକୀୟ ସରକାରୀ ଦେୟ ପଇଠ କରିବାକୁ ପଡିବ ।

| | |
|---|---|
| ୧. Sand (per cubic meter) | Rs. 35.00 (Royalty ) + 5% Addl. Charge |
| ୨. Dead Rent (per hect) | Rs. 10500.00 (for sand) (ଯଦି ଦରକାର ହୁଏ) |
| ୩. Stone (per cubic meter) | Rs.130.00 (Royalty) + 5% Addl. Charge |
| ୪. Dead Rent (Per hect.) | Rs.18000.00 (fore Stone) ଯଦି ଦରକାର ହୁଏ |
| ୫. Surface Rent | Rs..360.00 (ପ୍ରତିବର୍ଷ) |
| ୬. DMF | Royalty ର10% |
| ୭. SMF | Royalty ର 5 % |
| ୮. IT | Royalty ର2% |

୧୩.     ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତାହେଲେ EMD ଓ Security Deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତି କରାଯିବ ଏବଂ ଆବଶ୍ୟକ ସ୍ଥଳେ ବକେୟା ସରକାରୀ ଦେଇ OPDR Case ମାଧ୍ୟମରେ ଆଦାୟ କରାଯିବ ।

ଲିଜ ଚୁକ୍ତିନାମା ଦସ୍ତଖତ ପରେ ଯଦି କୌଣସି ଲିଜା ଧାରୀ Odisha Minor Mineral Concession Rules, 2016 ଏବଂ Odisha Minor Mineral Concession (Amendment) Rules 2017 ର ଉଲଂଘନ କରନ୍ତି ତାହେଲେ ଲିଜଧାରିଙ୍କର ଲିଜ୍ କୁ ରାଜ୍ୟ ସରକାରଙ୍କ କ୍ଷମତା ପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ । କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲକରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର ଅଧୀକାରୀଙ୍କର ରହିଅଛି ।

ଲଘୁ ଖଣିଜ ଉତ୍ସର ସମସ୍ତ ସବିଶେଷ ବିବରଣୀ ସାରଣୀ – ୧ ରେ ବର୍ଣ୍ଣିତ ଅଛି ।

14.7.2020

ତହସିଲଦାର, ଦେଓଗାଁ

# ତହସିଲ କାର୍ଯ୍ୟାଳୟ , ଦେଓଗାଁ

**ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ**

## ସୈରାତ ଉତ୍ସର ବିବରଣୀ -୧

| କ୍ର: ନଂ | ମୌଜାର ଉତ୍ସର ନାମ | ମୌଜା ର ନାମ | ସୈରାତ ଉତ୍ସର ବିବରଣୀ | | | | ରୟାଲଟି କର (ଟଙ୍କାରେ) | ଅତିରିକ୍ତ କର (ଟଙ୍କାରେ) | ଅନ୍ୟୁନ୍ୟ ଉତ୍ତୋଳନ ପରିମାଣ (in Cu. M) ବର୍ଷକୁ | ଅମାନତ ଅଗ୍ରିମ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମ ରେ ଦରଖାସ୍ତ ସହ ପ୍ରଦାନ କରିବେ (ଟଙ୍କାରେ) | ବ୍ୟାଙ୍କ guaranty ପରିମାଣ |
|---|---|---|---|---|---|---|---|---|---|---|---|
| | | | ଖାତା ନଂ | ପ୍ଲଟ୍ ନଂ | କିସମ | ରକବା (ଏକରରେ) | | | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | ଅପାମରା ବାଲି ଖାଦାନ | ଅପାମରା | ୯୪ | ୧୦/୭୬୮ | ନଦୀ | ୧୨.୩୫ | ୩୫.୦୦ | ୨.୦୦ | ୪୦୩୫ | ୭୪୬୫ | ୧୪୯୨୯୫ |
| ୨ | ସୁନାରିଯୋର ପଥର ଖାଦାନ | ସୁନାରିଯୋର | ୫୮ | ୨୭୯ | ପଥର ଚଟାଣ | ୨.୦୦ | ୧୩୦.୦୦ | ୭.୦୦ | ୩୭୮ | ୨୫୯୦ | ୫୧୭୮୬ |
| ୩ | ଗୁଡଖପଲା ପଥର ଖାଦାନ | ଗୁଡଖପଲା | ୧୮୧ | ୫୮୬, ୫୮୮, ୬୧୯, ୭୮୯ | ପଥର ଚଟାଣ | ୩.୧୩ | ୧୩୦.୦୦ | ୭.୦୦ | ୫୪୨ | ୩୭୧୩ | ୭୪୨୫୪ |
| ୪ | ଗଡଦ୍ୱାର ପଥର ଖାଦାନ | ଗଡଦ୍ୱାର | ୪୧ | ୧୩୮/୬୭୧ | ପଥର ଚଟାଣ | ୧.୩୦ | ୧୩୦.୦୦ | ୭.୦୦ | ୧୦୫୦ | ୭୧୯୩ | ୧୪୩୮୫୦ |
| ୫ | ଛତାପିପଲ ବାଲି ଖାଦାନ | ଛତାପିପଲ | ୩୨ | ୧ | ନଦୀ | ୧୨.୩୫ | ୩୫.୦୦ | ୨.୦୦ | ୨୦୦୦ | ୩୭୦୦ | ୭୪୦୦୦ |
| ୬ | ସିକୁଆଁ ବାଲି ଖାଦାନ | ସିକୁଆଁ | ୧୬୬ | ୩୮୨/୧୨୯୦ | ନଦୀ | ୧୨.୩୫ | ୩୫.୦୦ | ୨.୦୦ | ୩୦୦୦ | ୫୫୫୦ | ୧୧୧୦୦୦ |
| ୭ | ଅର୍ଡା ବାଲି ଖାଦାନ | ଅର୍ଡା | ୧୮୧ | ୪୯୪, ୪୯୬ | ନଦୀ | ୧୨.୩୫ | ୩୫.୦୦ | ୨.୦୦ | ୨୦୦୦ | ୩୭୦୦ | ୭୪୦୦୦ |
| ୮ | କୁତୁର୍ଲା ବାଲି ଖାଦାନ | କୁତୁର୍ଲା | ୧୩୨ | ୨୭୧, ୧ | ନଦୀ | ୧୨.୩୫ | ୩୫.୦୦ | ୨.୦୦ | ୨୦୦୦ | ୩୭୦୦ | ୭୪୦୦୦ |
| ୯ | ଘାଟୁଲ ବାଲି ଖାଦାନ | ଘାଟୁଲ | ୨୫ | ୩୩୫, ୨୬୯ | ନଦୀ | ୧୨.୩୫ | ୩୫.୦୦ | ୨.୦୦ | ୨୫୦୦ | ୪୬୨୫ | ୯୨୫୦୦ |
| ୧୦ | ରତାଖଣ୍ଡି ବାଲି ଖାଦାନ | ରତାଖଣ୍ଡି | ୧୧୯ | ୧୦୨୭ | ନଦୀ | ୧୨.୩୫ | ୩୫.୦୦ | ୨.୦୦ | ୩୦୦୦ | ୫୫୫୦ | ୧୧୧୦୦୦ |
| ୧୧ | ଅନ୍ତର୍ଲା ବାଲି ଖାଦାନ | ଅନ୍ତର୍ଲା | ୭୩ | ୧୦୫୯ | ନଦୀ | ୧୧.୨୦ | ୩୫.୦୦ | ୨.୦୦ | ୧୫୦୦ | ୨୭୭୫ | ୫୫୫୦୦ |
| ୧୨ | କଚ୍ଛାରପାଲି ବାଲି ଖାଦାନ | କଚ୍ଛାରପାଲି | ୨୪୨ | ୯୧୫, ୭୯୪ | ନଦୀ | ୧୨.୩୫ | ୩୫.୦୦ | ୨.୦୦ | ୨୦୦୦ | ୩୭୦୦ | ୭୪୦୦୦ |
| ୧୩ | ଟେପରେନ ବାଲି ଖାଦାନ | ଟେପରେନ | ୯୯ | ୫୦୦, ୧୦୮୨ | ନଦୀ | ୧୨.୩୫ | ୩୫.୦୦ | ୨.୦୦ | ୨୫୦୦ | ୪୬୨୫ | ୯୨୫୦୦ |
| ୧୪ | ମୁଣ୍ଡାପଲା ପଥର ଖାଦାନ | ମୁଣ୍ଡାପଲା | ୧୧୬ | ୫୪୪ | ଡୁଙ୍ଗୁରୀ | ୧.୦୦ | ୧୩୦.୦୦ | ୭.୦୦ | ୧୦୨୬ | ୭୦୨୯ | ୧୪୦୫୬୨ |

Spatra 14.7.2020

ତହସିଲଦାର, ଦେଓଗାଁ

ଜ୍ଞାପକ ସଂଖ୍ୟା 1040 ତାରିଖ 14.07.2020

ଏହାର ଏକକିତା ନକଲ ସମସ୍ତ ତହସିଲଦାର, ଜିଲ୍ଲା – ବଲାଙ୍ଗିର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦେଓଗାଁ / ରାଜସ୍ୱ ନିରୀକ୍ଷକ, ଜରାସିଂହା, ଅର୍ଯ୍ଯୁନପୁର, ମହଲେଇ, କୁତୁର୍ଲା, ବଡବନ୍ଧ, ବନ୍ଧପଡା, ରାମଚନ୍ଦ୍ରପୁର , ସମ୍ପୃକ୍ତ ଗ୍ରାମ / ଗ୍ରା.ପ. ସରପଞ୍ଚ ଅବଗତି ତଥା ନୋଟିସ ବୋର୍ଡରେ ପ୍ରକାଶନ କରି ବିସ୍ତୃତ ଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

Spatra 14.7.2020

ତହସିଲଦାର, ଦେଓଗାଁ

ଜ୍ଞାପକ ସଂଖ୍ୟା. 1041 ତାରିଖ. 14.7.2020

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର / ଉପ-ଜିଲ୍ଲାପାଳ, ବଲାଙ୍ଗିର ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇଦିଆଗଲା ।

Spatra 14.7.2020
ତହସିଲଦାର, ଦେଓଗାଁ

ଜ୍ଞାପକ ସଂଖ୍ୟା. 1042 ତାରିଖ. 14.7.2020

ଏହାର ଏକକିତା ନକଲ ଦେଓଗାଁ, ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ତହସିଲ ନାଜିରଙ୍କ ଅବଗତି ତଥା ବିସ୍ତୃତ ପ୍ରଚାର କରିବା ନିମନ୍ତେ ପ୍ରକାଶ କରାଗଲା ।

Spatra 14.7.2020
ତହସିଲଦାର, ଦେଓଗାଁ

ଜ୍ଞାପକ ସଂଖ୍ୟା. 1043 ତାରିଖ. 14.7.2020

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (NIC) ବଲାଙ୍ଗିର ଙ୍କ ଅବଗତି ତଥା ଜିଲ୍ଲା Website ରେ ପ୍ରଦର୍ଶିତ କରିବା ନିମନ୍ତେ ଜଣାଇଦିଆଗଲା ।

Spatra 14.7.2020
ତହସିଲଦାର, ଦେଓଗାଁ